the proof of payment within the headmistress and had istration. Bridge and the IGH Super

Statesman | Pg-16

# 6th Shambhavi Puraskar award conferred on Dinabandhu Maharana

**STATESMAN NEWS SERVICE**
BHUBANESWAR, 19 MARCH



The 6th Shambhavi Puraskar award instituted by the Bansidhar & Ila Panda Foundation (BIPF) was conferred on Mr Dinabandhu Maharana by Mr Bibek Debroy , chairman economic advisory council to the PM in the presence of former diplomat Abasar Beruia at a function here today.

The Shambhavi Puraskar which was instituted by BIPF in 2014 is bestowed on social change agents who serve society altruistically.

Mr Maharana was chosen for his outstanding contribution in developing the public infrastructure in the tribal areas of Kandhamal District through his organisation 'Kandhamal Zilla Sabuja Vaidya Sangathan' (KZSVS). So far, this initiative has covered 405 villages in Daringibadi, K. Nuagaon, and Kotgarh Blocks of the Kandhamal District.

Apart from the Shambhavi Puraskar award, BIPF also recognized individuals who stand out as an example of humanity and are the pillars of strength to the community and this year, BIPF conferred the 'Jury Commendation Certificate 2019' upon Mr. Abhimanyu Das for his dedication and selfless service towards the people of Cuttack.

A book-binder by profession, he provides counselling to those who are disadvantaged and less privileged.

He also performs the arduous task of cremating the deceased who are either unidentified or unclaimed, giving these individuals dignity in death.

Mr. Debroy said, "The Shambhavi Puraskar awards is an inspirational platform, encouraging those working at the grassroot level to bring about a positive change in the lives of people. I would like to congratulate both Mr. Maharana and Mr. Das for the exemplary work they have done for the people of their respective districts."

Ms. Shaifalika Panda, CEO, BIPF, said, "It is a great honour for us at BIPF to acknowledge through the Shambavi Puraskar the work done by socially conscious stalwarts such as Mr. Maharana and Mr. Das. We applaud them not only for the selfless work they have done for the community but also for serving as role models to the next generation."

Shambhavi Puraskar carries a citation and cash award of Rs 2,50,000. The Jury Commendation certification carries a citation and a cash award for Rs 50,000.

r Consultant, in a time bound manner. band Hemendra Singh. a royal family member, a

PBD - Pg - 3

# BIPF honours agents of social change at annual Shambhavi Puraskar award ceremony

**PBD BUREAU**

BHUBANESWAR, MARCH 19



THE Bansidhar & Ila Panda Foundation (BIPF) on Tuesday honoured agents of social change at the annual Shambhavi Puraskar award ceremony.

'Shambhavi Puraskar 2019' was conferred upon Dinabandhu Maharana by the Chief Guest Bibek Debroy, Chairman, Economic Advisory Council to the Prime Minister and Member, NITI Aayog.

Maharana was chosen for his outstanding contribution in developing the public infrastructure in the tribal areas of Kandhamal District through his organization 'Kandhamal Zilla Sabuja Vaidya Sangathan' (KZSVS).

So far, this initiative has covered 405 villages in Daringibadi, K. Nuagaon, and Kotgarh Blocks of the Kandhamal District.

Speaking on the occasion, Debroy said, "The Shambhavi Puraskar awards is an inspirational platform, encouraging those working at the grass root level to bring about a positive change in the lives of people.

" I would like to congratulate both Maharana and Das for the exemplary work they have done for the people of their respective districts," he said.

Former diplomat Abasar Beuria complimented the BIPF team saying, "BIPF's work in some of Odisha's tribal areas is commendable. BIPF is encouraging people who are going above and beyond the call of duty to support their communities through some exceptional work."

Apart from the Shambhavi Puraskar award, BIPF also recognizes those individuals who stand out as an example of humanity and are the pillars of strength to the community.

This year, BIPF conferred the 'Jury Commendation Certificate 2019' upon Abhimanyu Das for his dedication and selfless service towards the people of Cuttack.

A book-binder by profession, he provides counselling to those who are disadvantaged and less privileged. He also performs the arduous task of cremating the deceased who are either unidentified or unclaimed, giving these individuals dignity in death.

CEO BIPF Shaifalika Panda said, "It is a great honour for us at BIPF to acknowledge through the Shambavi Puraskar the work done by socially conscious stalwarts such as Maharana and Das. We applaud them not only for the selfless work they have done for the community but also for serving as role models to the next generation."

Shambhavi Puraskar carries a citation and cash award of Rs. 2,50,000. The Jury Commendation certification carries a citation and a cash award for Rs 50,000.

The function was attended by a large number of representatives from various sectors including NGO's, social workers, Govt. officials, and corporate houses.

SAMBAD / Pg-15

# ବଂଶୀଧର ଇଲା ପଣ୍ଡା ଫାଉଣ୍ଡେସନର ଷଷ୍ଠ ଶାମ୍ଭବୀ ପୁରସ୍କାର ଉତ୍ସବ



ଭୁବନେଶ୍ୱର, ୧୯।୩(ଇମିସ): ମଙ୍ଗଳବାର ହୋଟେଲ କ୍ରାଉନ୍ ପ୍ରେକ୍ଷାଳୟରେ ବଂଶୀଧର ଇଲା ପଣ୍ଡା ଫାଉଣ୍ଡେସନ(ବିଆଇପିଏଫ୍)ର ୬ଷ୍ଠ ଶାମ୍ଭବୀ ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ତଥା ନୀତି ଆୟୋଗ ସଦସ୍ୟ ବିବେକ ଦେବରାୟ ଓ ଅବସରପ୍ରାପ୍ତ ଆଇଏଫ୍ଏସ୍ ତଥା ପୂର୍ବତନ ରାଷ୍ଟ୍ରଦୂତ ଅବସର ଦେଉରିଆ ଏହି ଉତ୍ସବରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କନ୍ଧମାଳ ଜିଲ୍ଲା ସୁବଜ ବୈଦ୍ୟ ସଂଗଠନର ପ୍ରତିଷ୍ଠାତା ଦୀନବନ୍ଧୁ ମହାରଣାଙ୍କୁ ଶାମ୍ଭବୀ ପୁରସ୍କାର ପ୍ରଦାନ କରାଯାଇଥିଲା। ମାନପତ୍ର ସହ ତାଙ୍କୁ ୨.୫ଲକ୍ଷ ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ସେହିଭଳି କଟକର ଅଭିମନ୍ୟୁ ଦାସଙ୍କୁ ବିଚାରପତି ପ୍ରଶଂସାପତ୍ର ୨୦୧୯ ପାଇଁ ମାନପତ୍ର ସହ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବିଆଇପିଏଫ୍ର ସିଇଓ ଶୈଫାଳିକା ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ଶାମ୍ଭବୀ ପୁରସ୍କାର କମିଟିର ଜୁରି ମେମ୍ବର ତଥା ଅବସରପ୍ରାପ୍ତ ପ୍ରଶାସକ ରମେଶ ଚନ୍ଦ୍ର ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇଥିଲେ। କନ୍ଧମାଳ ଜିଲ୍ଲା କେ ନୂଆଗାଁ, ଦାରିଙ୍ଗିବାଡ଼ି ଓ କୋଟଗଡ଼ ବ୍ଲକରେ ଗରିବ ଆଦିବାସୀମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରାଇବା, ସେମାନଙ୍କ ଗାଁକୁ ରାସ୍ତା ଓ ପାନୀୟ ଜଳ ଯୋଗାଣ ଓ ଜମିକୁ ଜଳସେଚନ କରାଇବା ସହ ସେମାନଙ୍କୁ ଜରୁରୀକାଳୀନ ସମୟରେ ପୋଷାକ ଯୋଗାଇବାରେ ଦୀନବନ୍ଧୁଙ୍କ ଉଲ୍ଲେଖନୀୟ କାର୍ଯ୍ୟ ଯୋଗୁଁ ତାଙ୍କୁ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ କରାଯାଇଛି। ସେହିଭଳି କଟକ ବଡ଼ ମେଡିକାଲ ଓ ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସା ପ୍ରତିଷ୍ଠାନରେ ଗରିବ ରୋଗୀମାନଙ୍କୁ ସେବା ଯୋଗାଇବା ଓ ଅପରିଚିତ ବ୍ୟକ୍ତିଙ୍କ ମୃତଦେହର ଅନ୍ତିମ ସଂସ୍କାର କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଅଭିମନ୍ୟୁଙ୍କୁ ମଧ୍ୟ ସମ୍ବର୍ଧନା ପାଇଁ ଯୋଗ୍ୟ ବିବେଚିତ କରାଯାଇଛି ବୋଲି କୁହାଯାଇଥିଲା।

### ଦୀନବନ୍ଧୁ ମହାରଣାଙ୍କୁ ଶାମ୍ଭବୀ ପୁରସ୍କାର

# ପରିବର୍ତ୍ତନରେ ଲୋକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ : ଦେବରାୟ

ଭୁବନେଶ୍ୱର,୧୯।୩(ନି.ପ୍ର): ଜଣେ ଚାହିଁଲେ ସମାଜରେ ପରିବର୍ତ୍ତନ ଆଣିପାରିବ ନାହିଁ। ଏଥିପାଇଁ ସାଧାରଣ ଲୋକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ତଥା ନୀତି ଆୟୋଗ ସଦସ୍ୟ ବିବେକ ଦେବରାୟ ମତ ଦେଇଛନ୍ତି।



ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ (ବିଆଇପିଏଫ) ପକ୍ଷରୁ ପ୍ରଦାନ କରାଯାଉଥିବା ଷଷ୍ଠ ଶାମ୍ଭବୀ ପୁରସ୍କାର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ଦେବରାୟ ଏହା କହିଛନ୍ତି। ସାଧାରଣ ଜୀବନରେ ସକରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ ତୃଣମୂଳ ସ୍ତରରେ କାମ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଉତ୍ସାହିତ କରିବା ଦିଗରେ ଶାମ୍ଭବୀ ପୁରସ୍କାର ପ୍ରେରଣାଦାୟୀ ହେବ ବୋଲି ସେ କହିଥିଲେ। ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ପକ୍ଷରୁ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନଙ୍କୁ ପ୍ରତିବର୍ଷ ଶାମ୍ଭବୀ ପୁରସ୍କାର ପ୍ରଦାନ କରାଯାଇଥାଏ। ୨୦୧୪ ମସିହାରୁ ଆରମ୍ଭ ହୋଇଥିବା ଏହି ପୁରସ୍କାର ଚଳିତ ବର୍ଷ ଦୀନବନ୍ଧୁ ମହାରଣାଙ୍କୁ ପ୍ରଦାନ କରାଯାଇଛି। ପୁରସ୍କାର ଆକାରରେ ତାଙ୍କୁ ମାନପତ୍ର ସହିତ ଅଢେଇ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ପୁରସ୍କାର ଗ୍ରହଣ କରିବା ଅବସରରେ ଶ୍ରୀ ମହାରଣା କହିଥିଲେ ଯେ ଲୋକଙ୍କ ସମସ୍ୟା ଲୋକଙ୍କ ଦ୍ୱାରା ସମାଧାନ କରିବାକୁ ଚେଷ୍ଟା କରୁଛି। ଏହାଦ୍ୱାରା ସେମାନେ ଅନ୍ୟ ଉପରେ ନିର୍ଭରଶୀଳ ନ ହେବେ ନାହିଁ। ଶ୍ରୀ ମହାରଣା ଜଣେ ଶିକ୍ଷିତ ବୈଦ୍ୟ, ଯିଏକି କନ୍ଧମାଳ ଜିଲାରେ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିଛନ୍ତି। ସେ ସବୁଜ ବୈଦ୍ୟ ସଂଗଠନ (କେକେଡ୍‌ଏସ୍‌ଭିଏସ୍) ପ୍ରତିଷ୍ଠା କରି ଏକ ନୂତନ ଚିନ୍ତାଧାରା - କାର୍ଯ୍ୟ ବଦଳରେ ବସ୍ତ୍ର (ସିଏଫଡବ୍ଲ୍ୟୁ)କୁ କାର୍ଯ୍ୟକାରୀ କରିଛନ୍ତି। ଶ୍ରୀ ମହାରଣା ୨୦୦୮ ମସିହାରେ ସେ ଦାରିଙ୍ଗିବାଡି ବ୍ଲକ୍ ଅନ୍ତର୍ଗତ ଦିପୁମାହା ଗ୍ରାମରୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

ସେହିପରି ସମାଜସେବା କରି ଆସୁଥିବା କଟକର ଅଭିମନ୍ୟୁ ଦାସଙ୍କୁ ବିଚାରପତି ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଏ ବାବଦରେ ତାଙ୍କୁ ୫୦ହଜାର ଟଙ୍କା ଓ ମାନପତ୍ର ପ୍ରଦାନ କରାଯାଇଛି। ଅନ୍ୟତମ ଅତିଥି ଭାବେ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ଯୋଗଦେଇ ରାଜ୍ୟର ଆଦିବାସୀ ଅଞ୍ଚଳରେ ବିଆଇପିଏଫର ସମାଜସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ। ବିଆଇପିଏଫର ମୁଖ୍ୟ କାର୍ଯ୍ୟନିର୍ବାହୀ ଶୈଫାଳିକା ପଣ୍ଡା ଉଭୟ ଶ୍ରୀ ମହାରଣା ଓ ଶ୍ରୀ ଦାସଙ୍କୁ ଅଭିନନ୍ଦନ ଜଣାଇବା ସହ ସମାଜ ପ୍ରତି ସେମାନଙ୍କ ନିଃସ୍ୱାର୍ଥ ସେବା ପରବର୍ତ୍ତୀ ପିଢି ପାଇଁ ଆଦର୍ଶ ତଥା ପ୍ରେରଣାଦାୟୀ ହେବ ବୋଲି କହିଥିଲେ।

Samaya - Pg-5

## ୬ଷ୍ଠ ଶାମ୍ଭବୀ ପୁରସ୍କାର ଉତ୍ସବ

# ଦୁଇ ଯୁବ ପ୍ରତିଭା ସମ୍ମାନୀତ




ଭୁବନେଶ୍ୱର (ସବ୍ୟୁ)

ସମାଜ ରେ ଅନେକ ପ୍ରତିଭା ଅଛନ୍ତି ଯେଉଁମାନେ ସମାଜ ପାଇଁ ବହୁତ କିଛି କରିବାକୁ ନିଜର ପାରୁ ପର୍ଯ୍ୟନ୍ତ ଶତଚେଷ୍ଟା କରିଥାନ୍ତି । ସେମାନଙ୍କର ଲକ୍ଷ୍ୟ ଗୋଟିଏ ହୋଇଥାଏ ଯାହା ଫଳରେ ସେମାନେ ଡେରି ରେ ହେଲେ ବି ବହୁ ସଫଳତା ର ଅଧିକାରୀ ହୋଇପାରିଥାନ୍ତି ବୋଲି ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଅଧକ୍ଷ ତଥା ଭାରତ ସରକାରଙ୍କ ନୀତି ଆୟୋଗ ର ସଦସ୍ୟ ବିବେକ ଦେବରାୟ କହିଛନ୍ତି । ଶ୍ରୀ ଦେବରାୟ ୬ଷ୍ଠ ଶାମ୍ଭବୀ ପୁରସ୍କାର ଉତ୍ସବ ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହା କହିଛନ୍ତି । ସେ କହିଛନ୍ତି ସାଧାରଣ ଜୀବନରେ ସକାରତ୍ମକ ପରିବର୍ତ୍ତନ ଆଣିବା ଦିଗରେ ତୃଣମୂଳସ୍ତର ରେ କାର୍ଯ୍ୟକରୁଥିବା ବ୍ୟକ୍ତି ବିଶେଷଙ୍କୁ ଉତ୍ସାହିତ କରିବା ସ୍ୱାଗତ ଯୋଗ୍ୟ ଓ ଏଥିପାଇଁ ଇମ୍ଫା ପକ୍ଷରୁ ପ୍ରଦାନ କରାଯାଉଥିବା ଶାମ୍ଭବୀ ପୁରସ୍କାର ପ୍ରେରଣାଦାୟକ । ଉତ୍ସବରେ ସମ୍ମାନୀତ ୨ ଅମୂଲ୍ୟ ପ୍ରତିଭାଙ୍କୁ ସେମାନଙ୍କର କର୍ମ ଓ ସମାଜ ପାଇଁ ରହିଥିବା ଅବଦାନ ପାଇଁ ସଂସ୍ଥା ଓ ମୋ ତରଫ ରୁ ଅଭିନନ୍ଦନ ସହ ସେମାନଙ୍କ ଆଶା ଓ ଲକ୍ଷ୍ୟ ପଥ ସୁଗମ ହେଉ ବୋଲି ସେ କହିଥିଲେ । ଏହି ଉତ୍ସବରେ ପୂର୍ବତନ ରାଷ୍ଟ୍ରଦୂତ ଅବସର ବେଉରିଆ ଉଦ୍‌ବୋଧନ ଦେଇ ଏହି ପୁରସ୍କାରର ଆବଶ୍ୟକତା ଉପରେ ଗୁରୁତ୍ୱରୋପ କରିଥିଲେ । ବିଆଇପିଏଫ ତରଫ ରୁ ମଙ୍ଗଳବାର ସଂନ୍ଧ୍ୟା ରେ ଆୟୋଜିତ୬ଷ୍ଠ ଶାମ୍ଭବୀ ପୁରସ୍କାର ଉତ୍ସବ-୧୯ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ଶୈଫାଳିକା ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ । ଚଳିତ ବର୍ଷର ଶାମ୍ଭବୀ ପୁରସ୍କାର ପ୍ରାପ୍ତ ୨ ପ୍ରତିଭାଙ୍କ ଭିତରେ ରୁ ଜଣେ ନିଜର ଅନୁଭୂତିକୁ ପାଥେୟ କରି ଗତ ୧୫ ବର୍ଷ ହେଲା କଟକ ବଡମେଡିକାଲ ପରିସର ରେ ନିରାଶ୍ରୟ ଙ୍କ ସାହା ଭରସା ଓ ଅଜଣା ସବର ବାହାକ ଏବଂ ଶବ ମଣିଷ ଭାବେ ପରିଚିତ ଅଭିମନ୍ୟୁ ଦାସ । ଓଡିଶା ର କାଶ୍ମୀର ଭାବରେ ପରିଚିତ କନ୍ଧମାଳ ର ଯୁବ ପ୍ରତିଭା ଦୀନବନ୍ଧୁ ମହାରଣା ସେ ଉକ୍ତ ଅଞ୍ଚଳର ସାଧାରଣ ଲୋକଙ୍କ ଯିବା ଆସିବା ପାଇଁ ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଗତ ୧୦ ବର୍ଷ ରୁ ଉର୍ଦ୍ଧ ସମୟ ଧରି ସମଗ୍ର ଦାରିଙ୍ଗିବାଡି, କେ ନୂଆଗାଁ ଏବଂ କୋଟଗଡ ବ୍ଲକର ପାଖାପାଖି ୪୦୫ ଟି ଗ୍ରାମ ରେ କାମ କରି ଉକ୍ତ ଅଞ୍ଚଳରେ ବେଶ ସୁନାମ ଅର୍ଜନ କରି ପାରଛନ୍ତି । ଏହି ପରି ଦୁଇ ଯୁବ ପ୍ରତିଭାଙ୍କୁ ବିଆଇପିଏଫ ତରଫ ରୁ ଶମ୍ଭାବୀ-୧୯ ପ୍ରଦାନ କରାଯାଇଛି । ପୁରସ୍କାର ଆକାର ରେ ଅର୍ଥରାଶି ଓ ମାନପତ୍ର ସହ ପ୍ରତିଭା ଦୁଇଜଣଙ୍କୁ ଉପଢୌକନ ଦେଇ ଅତିଥି ମାନେ ସମ୍ମାନୀତ କରିଥିଲେ । ଏହି ଉତ୍ସବ ରେ ବିଭିନ୍ନ ଅନୁଷ୍ଠାନ, ସେଚ୍ଛାସେବୀ, ସମାଜସେବୀ ଓ କର୍ପୋରେଟ ସଂସ୍ଥା ର ବରିଷ୍ଠ ଅଧିକାରୀ ମାନେ ଯୋଗ ଦେଇଥିଲେ ।

ଅଛନ୍ତି। ଏ.ନେଇ ଆସନ୍ତା ୪ ତାରିଖରେ ... ଦୁର୍ଗାପ୍ରସାଦ ଦାସମହାପାତ୍ର ସମ୍ପାଦକୀୟ ... ବିଶ୍ୱନାଥ ପତିମହାପାତ୍ର, ଗୋବିନ୍ଦ ଚନ୍ଦ୍ର

Dharitri | P-13

# ଦୀନବନ୍ଧୁ ମହାରଣାଙ୍କୁ 'ଶାମ୍ଭବୀ ପୁରସ୍କାର'

ଭୁବନେଶ୍ୱର,୧୯।୩(ବ୍ୟୁରୋ)

ବଂଶୀଧର ଓ ଇଳା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ ମଙ୍ଗଳବାର ସ୍ଥାନୀୟ ଏକ ହୋଟେଲରେ ୬ଷ୍ଠ 'ଶାମ୍ଭବୀ ପୁରସ୍କାର' ପ୍ରଦାନ କରାଯାଇଛି। ସାମାଜିକ ପରିବର୍ତ୍ତନ ତଥା ସାମାଜିକ କର୍ମ କ୍ଷେତ୍ରରେ ପ୍ରମୁଖ ଅବଦାନ ଥିବା ବ୍ୟକ୍ତିମାନଙ୍କୁ ଏହି ପୁରସ୍କାର ଦିଆଯାଇଛି। 'କନ୍ଧମାଳ ଜିଲା ସବୁଜ ବୈଦ୍ୟ ସଙ୍ଗଠନ' ମାଧ୍ୟମରେ ଆଦିବାସୀ ଲୋକଙ୍କ ଜୀବନଜୀବିକା ଓ ସାଧାରଣ ଭିତ୍ତିଭୂମି ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଜିଲାର ଦୀନବନ୍ଧୁ ମହାରଣାଙ୍କୁ ଚଳିତବର୍ଷ ଲାଗି ଶାମ୍ଭବୀ ପୁରସ୍କାର ପ୍ରଦାନ କରାଯାଇଛି। ପୁରସ୍କାର ସ୍ୱରୂପ ତାଙ୍କୁ ୨ ଲକ୍ଷ ୫୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦ ଅଧ୍ୟକ୍ଷ ତଥା ଭାରତ ସରକାରଙ୍କ ନୀତି ଆୟୋଗ ସଦସ୍ୟ




ମୁଖ୍ୟ ଅତିଥି ବିବେକ ଦେବରାୟଙ୍କଠାରୁ ଦୀନବନ୍ଧୁ ମହାରଣା ପୁରସ୍କାର ଗ୍ରହଣ କରୁଛନ୍ତି।

ବିବେକ ଦେବରାୟ ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଫ୍ଏସ୍ ତଥା ପୂର୍ବତନ ରାଷ୍ଟ୍ରଦୂତ ଅବସର ବେହେରିଆ ଯୋଗଦେଇ ମହାରଣାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହାସହ କଟକର ଅଭିମନ୍ୟୁ ଦାସଙ୍କୁ ସ୍ୱତନ୍ତ୍ର ଜୁରି ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ସ୍ୱରୂପ ତାଙ୍କୁ ୫୦ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଏବଂ ଉପଢୌକନ ପ୍ରଦାନ କରାଯାଇଥିଲା। ଆଚାର୍ଯ୍ୟ ହରିହର ରିଜିଓନାଲ କ୍ୟାନ୍ସର ଇନ୍‌ଷ୍ଟିଚ୍ୟୁଟ ଏବଂ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ଅସହାୟ ଓ ଗରିବ ରୋଗୀଙ୍କୁ ସହାୟତା ଯୋଗାଇ ଦେଉଥିବା ଅଭିମନ୍ୟୁ ପରିତ୍ୟକ୍ତ ମୃତଦେହକୁ ସମ୍ମାନସ୍ୱରୂପ ଶେଷକୃତ୍ୟ ସମ୍ପନ୍ନ କରିଥାଆନ୍ତି। ସେହିଭଳି ମହାରଣାଙ୍କ କନ୍ଧମାଳ ଜିଲା ସବୁଜ ବୈଦ୍ୟ ସଙ୍ଗଠନ ଦାରିଙ୍ଗବାଡ଼ିର କେ. ନୂଆଗାଁ ଏବଂ କୋଟଗଡ଼ ବ୍ଲକର ୪୦୫ ଗ୍ରାମରେ ସେବା ଯୋଗାଇଦେଉଛି।